ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ

ବନାମ

ସିଦ୍ଧାପ୍ପା ଉଜାନାପ୍ପା ମଦାର

2 ନଭେମ୍ବର, 1995

[କେ. ରାମାସ୍ୱାମୀ ଏବଂ ବି.ଏଲ. ହଂସାରିୟା, ନ୍ୟାୟମୂର୍ତ୍ତିଦ୍ୱୟ]

*ଜମି ଅଧିଗ୍ରହଣ ଅଧିନିୟମ, 1894:*

*ସଂଶୋଧନ ଅଧିନିୟମ, 1984 ଦ୍ୱାରା ସଂଶୋଧିତ ଧାରା 23(1-A), 23(2) ଓ 28 - ପ୍ରଯୁଜ୍ୟତା ।*

**ଏହି ଅପିଲଗୁଡ଼ିକରେ, ଜମି ଅଧିଗ୍ରହଣ (ସଂଶୋଧନ) ଅଧିନିୟମ, 1984ର ଧାରା 23(1-A), 23(2) ଏବଂ 28ର ବ୍ୟବସ୍ଥାଗୁଡ଼ିକର ପ୍ରଯୁଜ୍ୟତା ପ୍ରଶ୍ନବାଚୀ ଥିଲା ।**

**ଅପିଲକୁ ଅନୁମତି ଦେଇ, ଏହି ନ୍ୟାୟାଳୟ**

**ନିର୍ଣ୍ଣୟ କଲେ :ଏହି ଅପିଲରେ ଥିବା ବିବାଦ ଆଉ ଅନିର୍ଣ୍ଣିତ ହୋଇ ରହିନାହିଁ, କାରଣ ଏହି ପ୍ରସଙ୍ଗଗୁଡ଼ିକ ପୂର୍ବରୁ ହିଁ ଏହି ନ୍ୟାୟାଳୟର ସାମ୍ବିଧାନିକ ଖଣ୍ଡପୀଠଙ୍କ ନିଷ୍ପତ୍ତି ଦ୍ୱାରା ଆବୃତ ହୋଇସାରିଛି । *ଫଳସ୍ୱରୂପ, ସଂଶୋଧନ ଅଧିନିୟମ ଅନୁଯାୟୀ ପ୍ରଦାନ କରାଯାଇଥିବା ସୁବିଧାଗୁଡ଼ିକୁ ବାତିଲ କରାଯାଏ । ବର୍ଦ୍ଧିତ କ୍ଷତିପୂରଣ ଉପରେ ଉତ୍ତରଦାତାମାନେ ବାର୍ଷିକ 6% ସୁଧ ଏବଂ 15% ଆଶ୍ୱାସନା ରାଶି ପାଇବା ପାଇଁ ହକଦାର ।**

**ୟୁନିଅନ୍ ଅଫ୍ ଇଣ୍ଡିଆ ବନାମ ରଘୁବୀର ସିଂହ,* **[1989] 3 SCR 316** ଏବଂ *କେ. ଏସ୍. ପରିପୁମାନ ବନାମ କେରଳ ରାଜ୍ୟ,* **[1994] 5 SCC 593, ଅନୁସରଣ କରାଗଲା ।**

ଦେୱାନୀ ଅପିଲିୟ କ୍ଷେତ୍ରାଧିକାରିତା : ଦେୱାନୀ ଅପିଲ ସଂଖ୍ୟା 10522/1995 ।

ଏମ୍.ଏସ୍.ଏ. ସଂଖ୍ୟା 79/1987ରେ କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟଙ୍କ 26.5.87 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀ ପାଇଁ ଏମ୍. ବୀରାପ୍ପା ।

ଉତ୍ତରଦାତାଙ୍କ ପାଇଁ କିରଣ ସୁରି ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

14 ଅଗଷ୍ଟ, 1995 ତାରିଖର ପଞ୍ଜୀକୃତ ଥିବା ବିବରଣୀ ସୂଚିତ କରେ ଯେ ଡାକ ବିଭାଗର ମନ୍ତବ୍ୟ ଅନୁସାରେ SLP (C) ସଂଖ୍ୟା 9906/1987(ବର୍ତ୍ତମାନର SLP)ର ଏକମାତ୍ର ଉତ୍ତରଦାତା ଏସ୍.ଏସ୍. ତାଇପେ ମୃତ ଥିଲେ । ତେଣୁ, ଆମେ ଆବେଦନକାରୀ-ରାଜ୍ୟ ପକ୍ଷରୁ ଉପସ୍ଥିତ ବିଜ୍ଞ ଓକିଲଙ୍କୁ ଏକମାତ୍ର-ଉତ୍ତରଦାତାଙ୍କ ଆଇନଗତ ପ୍ରତିନିଧିମାନଙ୍କୁ ନଥିରେ ଆଣିବା ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲୁ । ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଜାତୀୟ ରାଜପଥ, ଧାରୱାଡ଼ ତାଙ୍କର 1995 ମସିହା ଅକ୍ଟୋବର 17 ତାରିଖର ଚିଠିରେ ଉଲ୍ଲେଖ କରିଥିଲେ ଯେ ଉକ୍ତ ଏସ୍.ଏସ୍. ତାଇପେ ଏବେବି ଜୀବିତ ଅଛନ୍ତି ଏବଂ ସେ ବର୍ତ୍ତମାନ ଗଙ୍ଗାବତୀଠାରେ ବସ୍ ଡିପୋ ନିକଟରେ ଏକ ଚା' ଦୋକାନ ଚଳାଉଛନ୍ତି । ଏହି ପରିସ୍ଥିତିରେ, ଡାକ ବିଭାଗର ମନ୍ତବ୍ୟ ସ୍ପଷ୍ଟ ଭାବରେ ତ୍ରୁଟିପୂର୍ଣ୍ଣ ଅଟେ । ତେଣୁ, ଉତ୍ତରଦାତାଙ୍କ ଆଇନଗତ ପ୍ରତିନିଧିଙ୍କୁ ନଥିକୁ ଆଣିବାର କୌଣସି ଆବଶ୍ୟକତା ନାହିଁ ।

ଅନୁମତି ପ୍ରଦାନ କରାଗଲା ।

ଏହି ମାମଲାରେ ବିବାଦ ଆଉ ଅନିର୍ଣ୍ଣିତ ହୋଇ ରହିନାହିଁ । ଏହି ପ୍ରସଙ୍ଗରେ ଜମି ଅଧିଗ୍ରହଣ (ସଂଶୋଧନ) ଅଧିନିୟମ (1984ର ଅଧିନିୟମ 68) ଦ୍ୱାରା ସଂଶୋଧିତ ଜମି ଅଧିଗ୍ରହଣ ଅଧିନିୟମ, 1894ର ଧାରା 23(1-A), 23(2) ଏବଂ 28 ର ବ୍ୟବସ୍ଥାଗୁଡ଼ିକର ପ୍ରଯୁଜ୍ୟତା ପ୍ରଶ୍ନବାଚୀ ଅଟେ । ଏହି ବିଷୟଗୁଡ଼ିକ *ଭାରତ ସଂଘ ବନାମ ରଘୁବୀର ସିଂହ*, [1989] 3 SCR 316 ଏବଂ *କେ.ଏସ୍. ପରିପୂମାନ ବନାମ କେରଳ ରାଜ୍ୟ*, [1994] 5 SCC 593ରେ ଏହି ନ୍ୟାୟାଳୟର ଦୁଇଟି ସମ୍ବିଧାନ ଖଣ୍ଡପୀଠଙ୍କ ନିଷ୍ପତ୍ତି ଦ୍ୱାରା ପୂର୍ବରୁ ଆବୃତ ହୋଇସାରିଛି । ଏହି ସମ୍ବିଧାନ ଖଣ୍ଡପୀଠଙ୍କ ରାୟଗୁଡ଼ିକୁ ଦୃଷ୍ଟିରେ ରଖି ଅପିଲକୁ ଅନୁମତି ଦିଆଯିବ । ଫଳସ୍ୱରୂପ, ସଂଶୋଧନ ଅଧିନିୟମ ଅନୁଯାୟୀ ପ୍ରଦାନ କରାଯାଇଥିବା ସୁବିଧାଗୁଡ଼ିକୁ ବାତିଲ କରାଯାଇଛି । ଉତ୍ତରଦାତାମାନେ ବର୍ଦ୍ଧିତ କ୍ଷତିପୂରଣ ଉପରେ ବାର୍ଷିକ 6% ସୁଧ ଏବଂ 15% ସାନ୍ତ୍ୱନାମୂଳକ ରାଶି ପାଇବାକୁ ହକଦାର ।

ସେହି ଅନୁଯାୟୀ ଆବେଦନକୁ ଅନୁମତି ଦିଆଯାଇଛି, କିନ୍ତୁ ଏହି ପରିସ୍ଥିତିରେ, ବିନା ଖର୍ଚ୍ଚରେ ।

ଜି.ଏନ୍. ଅପିଲକୁ ଅନୁମତି ଦିଆଗଲା ।

<u>**ଅସ୍ୱୀକରଣ**</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***
ସୁବୋଧ ରାଉତ,
ଉପବିଭାଗ ଅଧିକାରୀ (ଅନୁବାଦ),
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।